## ଫ୍ଲାଇଓଭର୍‌ରେ ଓଲଟିଲା ଟିପର୍



ଯୋଡ଼ା, ୧୮।୩(ସମିସ): ଓଡ଼ିଶାର ସବୁଠାରୁ ଲମ୍ବା ତଥା କେନ୍ଦୁଝର ଜିଲ୍ଲା ଯୋଡ଼ାରେ ଥିବା ଫ୍ଲାଇଓଭରରେ ବୁଧବାର ସନ୍ଧ୍ୟାରେ ଏକ ଟିପର ନିୟନ୍ତ୍ରଣ ହରାଇ ଓଲଟିଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ବାଂଶପାଣିରୁ ବଡ଼ବିଲ ଅଭିମୁଖେ ଓ.ଆର-୧୪-ପି-୬୭୧୧ ନମ୍ବର ଆଇରନ ବୋଝେଇ ଟିପରଟି ଯାଉଥିବା ବେଳେ ଏକ ନମ୍ବର ପିଲର୍ ପାଖରେ ହଠାତ ସାମ୍ନା ପଟୁ ଏକ ବାଇକ ଆସିଯିବାରୁ ବାଇକ ଓ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ନିୟନ୍ତ୍ରଣ ହରାଇ ପୋଲ ଉପରେ ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇ ସୁରକ୍ଷିତ ଥିବା ବେଳେ ଫ୍ଲାଇଓଭରରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଖବର ପାଇ ପୁଲିସ ପହଞ୍ଚି ଡ୍ରାଇଭରକୁ ମେଡିକାଲ ପଠେଇବା ସହ ଟ୍ରାଫିକକୁ ନିୟନ୍ତ୍ରଣ କରି ସ୍ୱାଭାବିକ କରିଥିବା ଜଣାପଡ଼ିଛି।

## ଗାଡ଼ିରେ ପିଟି ହୋଇ ଯୁବକ ମୃତ

ଆନନ୍ଦପୁର, ୧୮।୩ (ସମିସ): ୨୦ ନମ୍ବର ଜାତୀୟ ରାଜପଥରେ ବେଆଇନି ପାର୍କିଂ ଯୋଗୁଁ ପ୍ରତିଦିନ ଦୁର୍ଘଟଣାରେ ମୁଣ୍ଡ ଗଡୁଥିଲେ ମଧ୍ୟ ପ୍ରଶାସନର ଚେତା ପଶୁନାହିଁ। ଆଜି ନିଜ ଘରକୁ ଫେରୁଥିବା ଘସିପୁରା ୧୫ ନମ୍ବର ୱାର୍ଡର ଡାଗୁ ଟୁଡୁଙ୍କ ପୁଅ ବିଶ୍ୱଜିତ ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକରେ ପିଟି ହୋଇ ପ୍ରାଣ ହରାଇଛନ୍ତି। ବଡବିଲରେ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ବାରିଣୀ ଉତ୍ସବ ଉପଲକ୍ଷେ ଘରକୁ ଫେରିବା ବାଟରେ ମେଲଣ ନିକଟରେ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ବେଆଇନି ପାର୍କିଂ ଗାଡିରେ ପିଟି ହୋଇ କଡରେ ପଡ଼ିଥିବା ପଥର ଉପରେ ମାଡ଼ ହୋଇଥିଲା। ଘଟଗାଁ ଥାନା ମେଲାଣ ନିକଟରେ ଛିଡା ହୋଇଥିବା ଟ୍ରକ ସହିତ ଦୁର୍ଘଟଣା ହେବାରୁ ପ୍ରାଣ ଚାଲିଯାଇଛି।

## ଗଣିତ ପ୍ରତିଭା ପରୀକ୍ଷାରେ କୃତିତ୍ୱ



ଆନନ୍ଦପୁର, ୧୮।୩ (ସମିସ): ୨୦୨୩-୨୪ ଶିକ୍ଷା ବର୍ଷରେ ଅନୁଷ୍ଠିତ ହୋଇଥିବା ଷଷ୍ଠ ଶ୍ରେଣୀର ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଅଂଶୁମାନ ସାହୁ, ଜିଗ୍ନେଶଜ୍ୟୋତି ନାୟକ, ମନିଷ ରଞ୍ଜନ ସାହୁ ଓ ଜ୍ୟୋତିରଞ୍ଜନ ମହାନ୍ତିଙ୍କ ସହ ଶିକ୍ଷା ବର୍ଷ ୨୦୨୪-୨୫ର ଷଷ୍ଠ ଶ୍ରେଣୀର ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ ଛାତ୍ରୀ ଆହାନା ସାମଲ, ସ୍ଥିତିପ୍ରଜ୍ଞା ଦାସ, ଛାତ୍ର ଶୁଭମ୍ ପ୍ରକାଶ ସାହୁ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟର ଯଶ ଓ ଖ୍ୟାତି ବୃଦ୍ଧି କରିଛନ୍ତି। ଏହି ଶିଶୁମାନେ ସରସ୍ୱତୀ ଶିଶୁ ମନ୍ଦିର, ଆନନ୍ଦପୁର ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ପରିଚାଳନା ସମିତି, ଗୁରୁଜୀ ଓ ଗୁରୁମା ତଥା ଅଭିଭାବକ ବୃନ୍ଦ ଶିଶୁମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

● ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚର ଧାରଣା

## ଆନ୍ଦୋଳନକାରୀଙ୍କ ବିରୋଧରେ ପୃଥକ ମାମଲା ରୁଜୁ

ରାଇରଙ୍ଗପୁର,୧୮।୩(ସମିସ): ବହଳଦାରେ ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ଘଟଣାରେ ଗିରଫ ଆଦିବାସୀଙ୍କୁ ଖଲାସ ଦାବିରେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ରାଇରଙ୍ଗପୁରସ୍ଥିତ ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନ ଧରି ଧାରଣା ଦିଆଯାଇଥିଲା। ଉକ୍ତ ଧାରଣାକୁ ନେଇ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ପୁଲିସ ପକ୍ଷରୁ ରାଇରଙ୍ଗପୁର ଟାଉନ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଉଦ୍ଦେଶ୍ୟମୂଳକ ଭାବେ ଲୋକଙ୍କୁ ଏକତ୍ରିତ କରି ପୁଲିସ ପ୍ରଶାସନ ଓ ସରକାର ବିରୁଦ୍ଧରେ ମନ୍ତବ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ କରି ଏଭଳି ଗିରଫଦାରୀ କରାଯାଇଛି। ଯାହାକି ସମ୍ପୂର୍ଣ୍ଣ ରୂପେ ବେଆଇନ। ତେଣୁକରି ପୁଲିସ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଆନ୍ଦୋଳନକାରୀ ସୁନୀଲ ମାଝୀ, ଜିତେନ୍ଦ୍ର ନାଥ ହାଁସଦା, ରାମଚନ୍ଦ୍ର ସୋରେନ, ଦାସମାତ ସୋରେନ, ସୁକଲାଲ ମାର୍ଣ୍ଡି ସମେତ ଅନ୍ୟମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୋରଡ଼ା,୧୮।୩ (ସମିସ): ମୋରଡ଼ା ବ୍ଲକ ଚିକିଟାମାଟିଆ ପଞ୍ଚାୟତ ଅନ୍ତର୍ଗତ ଚିକିଟାମାଟିଆ ଆଦିମ ଜନଜାତି ଆଶ୍ରମ ବିଦ୍ୟାଳୟରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ



ଶଙ୍କର ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପାର୍ବତୀ ହାଁସଦା ଏବଂ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁଧାଂଶୁ କୁମାର ରାଉତ, ଭାତଛତର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗେଶ୍ୱର ମହାନ୍ତ ଏବଂ ସହରାଇଶୋଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗା ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ତାଙ୍କ ଅଭିଭାଷଣରେ ପ୍ରଥମେ ଶିକ୍ଷା ବିନା ଭଲ ମଣିଷ ହେବା ଅସମ୍ଭବ, ତେଣୁ ପ୍ରଥମ ଗୁରୁ ବାପା ମାଆ, ଦ୍ୱିତୀୟ ଗୁରୁ ଶିକ୍ଷକ ମାନଙ୍କ କଥା ମାନି ନିୟମିତ ବିଦ୍ୟାଳୟ କୁ ଆସି ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ତପ୍‌ରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ ସହିତ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ବର୍ଷା ସୋରେନ, ରତ୍ନାକର ହେମ୍ବ୍ରମ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମୁର୍ମୁ ଏବଂ ଜ୍ୟୋତ୍ସ୍ନା ମୁର୍ମୁ ବାର୍ଷିକ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

ସ୍କୁଟିକୁ ପିଟିଲା ପିକ୍‌ଅପ୍; ମହିଳା ଫାଇନାନ୍ସ କର୍ମଚାରୀ ଗୁରୁତର

# ମହୁଲି ମଦ ଭର୍ତ୍ତି ଭ୍ୟାନ୍ ଜବତ; ୨ ଗିରଫ

ହାଟଡ଼ିହୀ,୧୮।୩(ସମିସ):

ଆଜି ମଧ୍ୟାହ୍ନ ସମୟରେ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ଧକ୍କା ଦେଇଥିବା ପିକଅପ୍‌ଭ୍ୟାନ୍ ଗାଡିରୁ ୧ ହଜାରରୁ ଉର୍ଦ୍ଧ୍ୱ ପଲିଥିନ୍ ପ୍ୟାକେଟ୍ ମହୁଲି ମଦ ଜବତ ହୋଇଛି। ପ୍ରତ୍ୟେକ ପଲିଥିନରେ ୫ଲିଟର ଲେଖାଁ ମହୁଲିମଦ ପ୍ୟାକିଂ ରହିଥିବା ଦେଖିବାକୁ ମିଳିଛି। ଏହି କାରବାରରେ ସମ୍ପୃକ୍ତ ଡ୍ରାଇଭର ଅବିନାଶ ଦାସ ଓ ହେଲ୍ପର ସତୀଶ ବଳକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିବା ନେଇ ସୂଚନା ଦେଇଛି। ଗିରଫ ଅଭିଯୁକ୍ତଙ୍କ ଘର ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନାଞ୍ଚଳର ବୋଲି ପୁଲିସ ସୂଚନାରୁ ଜଣାପଡିଛି। ଜବତ ହୋଇଥିବା ଓଆର-୨୧ଏ-୧୩୩୨ ନମ୍ବର ବିଶିଷ୍ଟ ପିକଅପ୍ ଭ୍ୟାନରେ ପନିପରିବା ରପ୍ତାନି ହେବା ବଦଳରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଅନୁସାରେ ଗାଡ଼ି ଡାଲା ତଳେ ଲୁହା ପ୍ଲେଟ ଦ୍ୱାରା ଚାମ୍ବର ତିଆରି କରି ଅବକାରୀ କାରବାର ଚାଲୁଥିବା ଦେଖାଯାଇଛି। ଅନ୍ୟପକ୍ଷରେ, ନନ୍ଦିପଦା ଥାନା ଅଧୀନ





ବେତୀରା ଛକ ନିକଟରେ ଏହି ଭ୍ୟାନ୍ ଧକ୍କା ଦେବା ଫଳରେ ଇଣ୍ଡୁସଲାଣ୍ଡ ନେପୋ ଜୀବନ ବୀମା କମ୍ପାନୀରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଆହତ ହୋଇଛନ୍ତି। ନିଜର ସ୍କୁଟି ଯୋଗେ ୫୩ନଂ ରାଜ୍ୟ ରାଜପଥ ଛେନାପଦିଠାରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଭ୍ୟାନ୍ ମହିଳାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ନନ୍ଦିପଦା ଥାନାର ଏଏସଆଇ ସୁଷମା ସୁନ୍ଦରୀ ସେଠୀ, କାଳନ୍ଦୀ ସା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ମହିଳାଙ୍କୁ ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣା ଘଟାଇ ପୁଲିସ ଆଖିରେ ଧୂଳି ଦେଇ ଖସିଯିବାକୁ ବସିଥିବା ଅଭିଯୁକ୍ତ ଡ୍ରାଇଭର ଓ ହେଲ୍ପରଙ୍କ ନାମରେ ପୁଲିସ୍ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି। ଦିବାଲୋକରେ ଏଭଳି କାରବାର ଦେଖି ପୁଲିସ ସହ ଥାନାରେ ଉପସ୍ଥିତ ଲୋକେ ତାଜୁବ୍ ହୋଇଯାଇଥିଲେ। ଗାଡ଼ି ଭର୍ତ୍ତି ମହୁଲି ମଦ ପ୍ୟାକେଟ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳରୁ ଭଦ୍ରକ ଯାଉଥିବା ଜଣାପଡ଼ିଛି।

## ଆନନ୍ଦପୁର ଓକିଲ ସଂଘ ନିର୍ବାଚନ; ପ୍ରଚାର ଜୋର୍‌ଦାର

ଆନନ୍ଦପୁର, ୧୮।୩ (ସମିସ): ଚଳିତ ମାସ ୨୮ ତାରିଖ ହେବାକୁ ଥିବା ଆନନ୍ଦପୁର ଓକିଲ ସଂଘ ନିର୍ବାଚନ ପାଇଁ ପ୍ରଚାର ଧୀରେ ଧୀରେ ଜମୁଛି। ୫ମଥର ସଭାପତି ପଦପାଇଁ ଦୟାନିଧି ଦାଶ ଦାବିଦାର ହୋଇ ନିଜ ସପକ୍ଷରେ ପ୍ରଚାର କୁ ଜୋରଦାର କରିଛନ୍ତି। ନିଜର ସମର୍ଥକଙ୍କ ସହିତ ସମସ୍ତ ସଦସ୍ୟଙ୍କୁ ସାକ୍ଷାତ କରି ନିଜ ସପକ୍ଷରେ ମତଦାନ କରିବାକୁ ନିବେଦନ କରୁଥିବା ପରିଲକ୍ଷିତ ହୋଇଛି। ଓଡ଼ିଶା ଆଇନଜୀବୀ ପରିଷଦଙ୍କ ଆଦେଶକ୍ରମେ ସମଗ୍ର ଓଡିଶା ରାଜ୍ୟରେ ଗୋଟିଏ ଦିନରେ ଓକିଲ ସଂଘର ନିର୍ବାଚନ ପରିପ୍ରେକ୍ଷୀରେ ଆନନ୍ଦପୁର ଓକିଲ



ସଂଘର ଚାରିଥର ସଭାପତି ହୋଇଆସିଥିବା ଦୟାନିଧି ଦାଶ ପୁନର୍ବାର ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଉଷ୍ମତା ପ୍ରକାଶ ପାଇଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ରମେଶଚନ୍ଦ୍ର ବାରିକ ନିର୍ବାଚନ ଅଧିକାରୀ ମହେନ୍ଦ୍ର କୁମାର ରାମ ଓକିଲ ସଂଘର ନିର୍ବାଚନ ନିରପେକ୍ଷ ଭାବେ ପରିଚାଳନା କରିବାକୁ ପ୍ରସ୍ତୁତି ହେଉଥିବା ଜଣାଯାଇଛି। ନିର୍ବାଚନରେ ସଭାପତି ଓ ସମ୍ପାଦକ ପଦ ସହ ଉପସଭାପତି ପଦ ନିମନ୍ତେ ଭରତଚନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ରାଉଳ, ପ୍ରତ୍ୟେକ ପଦ ନିମନ୍ତେ ଜଣେ ଜଣେ ପ୍ରାର୍ଥୀ ପ୍ରଚାର ମଇଦାନରେ ରହିଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ତିନୋଟି ପଦ ନିମନ୍ତେ ଝୁମରସିଂ ମହାନ୍ତି, ମନୋଜ କୁମାର ତ୍ରିପାଠୀ ଓ କହ୍ନେଇ ଚରଣ ସାହୁ ତିନି ସଦସ୍ୟ ନାମାଙ୍କନ ଦାଖଲ କରି ଅପ୍ରତିଦ୍ୱନ୍ଦ୍ୱୀ ସଦସ୍ୟ ଭାବେ ଉଭା ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

## ଘାଟବାଲିଯୋଡ଼ି ଗ୍ରାମରେ ବନାଗ୍ନି ସଚେତନତା



ତୁରୁମୁଙ୍ଗା, ୧୮।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତଣ୍ଡ ବିଟ ଘାଟବାଲିଯୋଡି ଗାଁରେ ବୁଧବାର ବନାଗ୍ନି ସଚେତନତା ସଭା ଅନୁଷ୍ଠିତ ହେଇଯାଇଛି। ଗ୍ରାମରେ ୯ ଟିଭିଏସଏସର କର୍ମକର୍ତ୍ତାମାନେ ଶୋଭା ଯାତ୍ରା କରିଥିଲେ। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଜେପି ମଣ୍ଡଳ ସଭାପତି ବ୍ରଜକିଶୋର ସେଠୀ, ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ୯ଟି ବନସୁରକ୍ଷା ସମିତି ସଭାପତି, ଆନିମେଟରଙ୍କ ସହିତ ୫ଜଣ ଲେଖାଏଁ ସଦସ୍ୟ ଯୋଗ ଦେଇଥିଲେ। ତଣ୍ଡ ଗାର୍ଡ ଦୀପକ ସ୍ୱାଇଁ ପରିଚାଳନା କରିଥିଲେ। ଜଙ୍ଗଲ ନିଆଁ ରୋକା ଯାଇ ପାରିବା ସହ ଜଙ୍ଗଲୀ ଜୀବଜନ୍ତୁଙ୍କୁ ସୁରକ୍ଷା ଦିଆଯିବା, ଲଘୁବନଜାତ ଦ୍ରବ୍ୟ ଯଥା ମହୁଲ, କେନ୍ଦୁପତ୍ର, ଶାଳପତ୍ରକୁ ସୁରକ୍ଷିତ ଭାବେ ସଂଗ୍ରହ କରିବା ନେଇ ଆଲୋଚନା ହୋଇଥିଲା।

## ସାଇ ଆଦର୍ଶ ଡିଗ୍ରୀ କଲେଜରେ ବିଦାୟ ସମ୍ବର୍ଦ୍ଧନା

ବାରିପଦା,୧୮।୩(ସମିସ): ବୁଧବାର ସାଇ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପାଲଙ୍କ ସଭାପିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ



କାର୍ଯ୍ୟକ୍ରମରେ ସାଇ ଆଦର୍ଶ ଶିକ୍ଷାନୁଷ୍ଠାନ ସମୂହର ମୁଖ୍ୟ ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଓ ସଭାପତି ମୀନାରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ ସାହୁ ତାଙ୍କ ମର୍ମସ୍ପର୍ଶୀ ବାଣୀ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଅଧ୍ୟାପକ ଅଜୟ କୁମାର ଦାସ ଛାତ୍ରଛାତ୍ରୀଙ୍କ ଆଗାମୀ ଲକ୍ଷ୍ୟ ଉପରେ ତାଙ୍କ ବକ୍ତବ୍ୟ ରଖିଥିଲେ। ସାଇ ଆଦର୍ଶ ବିଦ୍ୟାମନ୍ଦିରର ଶିକ୍ଷକ ଅଶୋକ କୁମାର ବୁଗୁଡେଇ ଓ ସାଇ ଆଦର୍ଶ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ଅଧିକାରୀ ଦୀନକୃଷ୍ଣ ମହାନା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ସଭାରେ ଅତିଥିଙ୍କ ଦ୍ୱାରା +୩, ୩ୟ ବର୍ଷ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅଧ୍ୟାପିକା ମିନାକ୍ଷୀ ମହାନ୍ତି, ଅଧ୍ୟାପିକା ଲୀଳାବତୀ ମହାନ୍ତ, ଅଧ୍ୟାପିକା ନିହାରିକା ସାହୁ, ଅଧ୍ୟାପିକା ଜୟଶ୍ରୀ ମହାନ୍ତ, ଅଧ୍ୟାପିକା ରାଜଶ୍ରୀ ସାସମଲ, ଅଣଶିକ୍ଷକ କର୍ମଚାରୀ କପିଳାସ ବେହେରା, ଜଗଦୀଶ ସେଠୀ ଓ ଗାୟତ୍ରୀ ପାତ୍ରଙ୍କ ବିଶିଷ୍ଟ ଭୂମିକା ଥିଲା। ୨ୟ ବର୍ଷ ଛାତ୍ରୀ ସ୍ମୃତିମୟୀ ଗିରି, ସୁପ୍ରୀତି ମାଇତି, ଅନିମା ଭୋଳ, ରାଧାରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ନିଗ୍ଧାଶ୍ରୀ ସାମଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପଞ୍ଚମୁଖୀ ହନୁମାନ ପୀଠରେ ବୈଠକ



ଆନନ୍ଦପୁର, ୧୮।୩ (ସମିସ): ମୁକ୍ତିତୀର୍ଥ ଆନନ୍ଦଧାମସ୍ଥିତ ଶ୍ରୀ ପଞ୍ଚମୁଖୀ ସିଦ୍ଧ ହନୁମାନ ପୀଠରେ ରଜ ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଯୋଜକ ମଦନ ପାଣି ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ରଜ ମହୋତ୍ସବ ଜୁନ ମାସ ୧୪ ତାରିଖଠାରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପି ବହୁ ଆଡମ୍ବର ପୂର୍ଣ୍ଣ ଭାବେ ପାଳନ କରାଯିବ। ରଜ ଦୋଳି, ପିଠା ପଣା, ରଜ ଦୋଳି ଗିତ, ମିନା ବଜାର, ମୋଲୋଡି, ନାଚ ଗୀତ, ଯୁବକ ଯୁବତୀଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପ୍ରଭୃତି ବ୍ୟାପକ କାର୍ଯ୍ୟକ୍ରମ କରାଯିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା। ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ସଭାପତି ମହେଶ୍ୱର ସାହୁ, ଉପସଭାପତି ସନ୍ତୋଷ କୁମାର ସିଂ ଓ ଦୟାନିଧି ଦାଶ, ସାଧାରଣ ସମ୍ପାଦକ ଦେବରଂଜନ ସାହୁ, ସହସମ୍ପାଦକ ଗଗନ ସିଂ ଓ କିରଣ କୁମାର ପାଢ଼ୀ, କୋଷାଧ୍ୟକ୍ଷ ପ୍ରାଣବନ୍ଧୁ ସାହୁ, ସଂଯୋଜକ ମଦନ ପାଣୀ, ସହସଂଯୋଜକ ଭାଗୀରଥି ଦାଶ, ଉପଦେଷ୍ଟା ପ୍ରଫେସର ରମାକାନ୍ତ ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ତତସହିତ କାର୍ଯ୍ୟକାରିଣୀ କମିଟିକୁ ୨୧ ଜଣ ମନୋନୀତ ହୋଇଛନ୍ତି।

## ସ୍ୱଚ୍ଛତା ଗ୍ରାମ ପରିଦର୍ଶନରେ ଛତିଶଗଡ଼ର ୩୦ ଜଣିଆ ପ୍ରତିନିଧି

ବିଶୋଇ,୧୮।୩ (ସମିସ) : ସ୍ୱଚ୍ଛତା ଗ୍ରାମ ଭାବରେ ସମଗ୍ର ଭାରତରେ ସ୍ୱତନ୍ତ୍ରତା ବଜାୟ ରଖିଛି ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଭାତଛତ୍ର ପଞ୍ଚାୟତର ବବେଇଜଳା ଗ୍ରାମ। ଗ୍ରାମର କାନ୍ଥରେ ଅଙ୍କା ଯାଇଥିବା ଉଲ୍ଲେଖନୀୟ କଳା ଉତ୍କୃଷ୍ଟତା ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଏହି ଗ୍ରାମକୁ ଛତିଶଗଡ଼ରୁ ୩୦ ଜଣିଆ ପ୍ରତିନିଧି ମଣ୍ଡଳୀ ପରିଦର୍ଶନରେ ଆସୁଛନ୍ତି। 'କ୍ଲିନ ଆଣ୍ଡ ଗ୍ରୀନ୍ ଭିଲେଜ' ଥିମ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଛତିଶଗଡ଼ ରାଜ୍ୟର ୨୦ ଜଣ ସରପଞ୍ଚ ଓ ୧୦ ଜଣ ପ୍ରଶାସନିକ ଅଧିକାରୀ ପ୍ରମୁଖ ୩୦ ଜଣିଆ ଟିମ ଏହି ଗ୍ରାମକୁ ଏକ୍ସପୋଜର ଗସ୍ତ କରିବେ। ବବେଇଜଳା ଗ୍ରାମର ସ୍ୱଚ୍ଛତା ପରଖିବା ସହିତ କାନ୍ଥରେ ଅଙ୍କା ଯାଇଥିବା ରଙ୍ଗୀନ କଳାକାର୍ଯ୍ୟ ଏବଂ ଗ୍ରାମର ପରମ୍ପରାକୁ ଏହି ଟିମ ପରିଦର୍ଶନ କରି ଦେଖିବେ। ବବେଇଜଳା ଗ୍ରାମର ପରିଷ୍କାର



ପରିଚ୍ଛନ୍ନତା ଏବଂ ପରମ୍ପରାର ସଂରକ୍ଷଣର ଏକ ଉଜ୍ଜ୍ୱଳ ଉଦାହରଣ ଭାବରେ ଭାରତ ବର୍ଷରେ ଠିଆ ହୋଇଥିବାବେଳେ ଗସ୍ତକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବରୁ ପ୍ରସ୍ତୁତ ସରିଛି। ଗ୍ରାମରେ ଥିବା ସମସ୍ତ ଗୃହକୁ ନୂଆ ରଙ୍ଗରୂପରେ ସାଜସଜା କରାଯାଇଛି। ଏହି ଗସ୍ତ ପୂର୍ବରୁ ଆଜି ବିଶୋଇ ବ୍ଲକ ଏବିଡିଓ ଆକାଶ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଭାତଛତ୍ର ସରପଞ୍ଚ ଭାଦୁରାମ ହାଁସଦା, ବିଆର୍‌ସି ସୁକାନ୍ତି ସୋରେନ ଗ୍ରାମକୁ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ପ୍ରତିନିଧି ମଣ୍ଡଳୀକୁ ଆଦିବାସୀ ନାଚଗୀତରେ ଭବ୍ୟ ସ୍ୱାଗତ କରିବା ପାଇଁ ଗ୍ରାମବାସୀ ଉତ୍ସାହିତ ଅଛନ୍ତି। ଗ୍ରାମୀଣ ଉତ୍କୃଷ୍ଟତା ଏବଂ ସାଂସ୍କୃତିକ ଗର୍ବର ଏକ ପ୍ରକୃତ ପ୍ରେରଣାଦାୟକ ମଡେଲକୁ ସାରା ବିଶ୍ୱଦରବାରରେ ପରିଚିତ କରିବା ପାଇଁ ଏହି ପରିଦର୍ଶନର ଲକ୍ଷ୍ୟ ବୋଲି ସ୍ଥାନୀୟ ସରପଞ୍ଚ କହିଛନ୍ତି।

## ବଜାରରେ ପାଣିବୋତଲ୍ ଅଭାବ

ତୁରୁମୁଙ୍ଗା, ୧୮।୩ (ସମିସ): ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବରେ ଗ୍ୟାସ ସଙ୍କଟ ପରେ ଏବେ ପିଇବା ପାଣିର ଅଭାବ ମଧ୍ୟ ଦେଖାଦେବା ଆରମ୍ଭ ହୋଇଛି। କଞ୍ଚାମାଲ ଅଭାବ ଯୋଗୁଁ ପ୍ଲାଷ୍ଟିକ ବୋତଲ ଉତ୍ପାଦନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବାରୁ ବଜାରରେ ପିଇବା ପାଣି ବୋତଲ ଦୁର୍ଲଭ ହୋଇପଡ଼ିଛି। ସୂଚନା ଅନୁସାରେ, ପ୍ଲାଷ୍ଟିକ ବୋତଲ ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ଆମଦାନୀ ବାଧାପ୍ରାପ୍ତ ହେବାରୁ ଅନେକ ପାଣି କମ୍ପାନୀ ଉତ୍ପାଦନ କମାଇଦେଇଥିବା ଜଣା ପଡ଼ିଛି। ଫଳରେ ସହର ଓ ଗ୍ରାମାଞ୍ଚଳର ଦୋକାନଗୁଡ଼ିକରେ ପାଣି ବୋତଲ ମିଳୁନଥିବା ଦେଖାଯାଉଛି। ବଜାରରେ ପାଣି ବୋତଲ ଅଭାବ ଯୋଗୁଁ ସାଧାରଣ ଲୋକମାନେ ପିଇବା ପାଣି ପାଇଁ ହଇରାଣ ହେଉଥିବା ବେଳେ, ବିଶେଷକରି ଯାତ୍ରୀ, ହସ୍ପିଟାଲ୍ ଓ ଛୋଟ ବ୍ୟବସାୟୀମାନେ ବେଶି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତି ଜାରି ରହିଲେ ଆସନ୍ତା ଦିନରେ ପିଇବା ପାଣି ସମସ୍ୟା ଆହୁରି ଗଭୀର ହେବାର ଆଶଙ୍କା କରାଯାଉଛି। ଆଗକୁ ତାତି ବଢିବା ସାଙ୍ଗକୁ ପିଇବା ପାଣି ଅଭାବ ହେଲେ ଲୋକେ ଅନେକ ହଇରାଣ ହେବେ ବୋଲି ବୁଦ୍ଧିଜୀବୀ ମତ ଦେଇଥିବା ବେଳେ ପାଣି ବୋତଲ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଏନ୍‌ଆର୍‌ଟିଏସ୍‌ରେ ପାଟଣା ବ୍ଲକ୍ ଟପ୍ପର ହେଲେ ରତୁପର୍ଣ୍ଣା



ତୁରୁମୁଙ୍ଗା, ୧୮।୩(ସମିସ): ଚଳିତ ବର୍ଷ ୨୦୨୫-୨୬ ଏନଆରଟିଏସ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁରୁମୁଙ୍ଗାର ଛାତ୍ରୀ ସୁଶ୍ରୀ ରତୁପର୍ଣ୍ଣା ମହାକୁଡ଼ ସର୍ବାଧିକ ୮୫ ନମ୍ବର ରଖି ପାଟଣା ବ୍ଲକ ଟପ୍ପର ହେବା ସହ ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହି ଗୌରବ ଅର୍ଜନ କରିଛନ୍ତି। ବିଗତ ବର୍ଷରେ ସେ ତୃତୀୟ ଶ୍ରେଣୀ ମେଧାବୃତ୍ତି ଷଷ୍ଠଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ଏବଂ ପଞ୍ଚମ ଶ୍ରେଣୀ ମେଧାବୃତ୍ତିରେ ବ୍ଲକ୍ ଟପ୍ପର ହୋଇ ବିଦ୍ୟାମନ୍ଦିର ପାଇଁ ଗୌରବ ଆଣିଥିବା ବେଳେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଏହି ମେଧାବୀ ଛାତ୍ରୀ ଭାରତୀୟ ଜୀବନ ବୀମାର ଅଭିକର୍ତ୍ତା ଅଯୋଧ୍ୟା ମହାକୁଡ଼ ଏବଂ ମା' ଉପାସିନୀ ମହାକୁଡ଼ଙ୍କ କନିଷ୍ଠା କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଗୁରୁଜୀ ଗୁରୁମା', ସହପାଠୀ ପରିବାରବର୍ଗ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ମଦ ଜବତ; ୨ ଗିରଫ

କୁଆମରା ୧୮।୩(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ପୃଥକ ସ୍ଥାନରେ ଚଢ଼ଉ କରି ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ପୃଥକ ମାମଲା ରୁଜୁ ହୋଇଛି। ଉଦଳା ଥାନା ଅନ୍ତର୍ଗତ ହରିଶୋଳ ଗ୍ରାମର ରାମଚନ୍ଦ୍ର ମୁର୍ମୁ (୫୫)ଙ୍କ ଠାରୁ ୯ ଲିଟର ୧୦୦ ମିଲି ବିୟର ଓ ବିଭିନ୍ନ ବ୍ରାଣ୍ଡର ଏକ ଲିଟର ୮୦ ମିଲି ବିଦେଶୀ ମଦ ଜବତ ହୋଇଥିବା ବେଳେ ସେହି ଥାନା ଅନ୍ତର୍ଗତ ହାତିଶୋଳ ଗ୍ରାମର ଦୁର୍ଗା ହାଁସଦା (୩୦)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଚଢ଼ଉରେ ଏସ୍ ଆଇ କୃଷ୍ଣ ସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ଦୀପାଞ୍ଜଳୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ

# ପାରାଦୀପ ପୋର୍ଟକୁ ହରାଇ ବାଲେଶ୍ୱର ଚାମ୍ପିଅନ

କେନ୍ଦୁଝର,୧୮।୩(ସମିସ):

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ଗୋବର୍ଦ୍ଧନ ଭଲିବଲ ଖେଳ ପଡିଆରେ ଚାଲିଥିବା ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରାପଡା, ପାରାଦୀପପୋର୍ଟ, ବାଲେଶ୍ୱର, ରାଉରକେଲା, ଭଦ୍ରକ, ଇଟାମାଟି ନୟାଗଡ଼ ଛଅଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପାରାଦୀପପୋର୍ଟ ଏବଂ ବାଲେଶ୍ୱର ମଧ୍ୟରେ ଖେଳାଯାଇଥିଲା। ବାଲେଶ୍ୱର ୨-୦ ସେଟ୍‌ରେ ପାରାଦୀପପୋର୍ଟକୁ ହରାଇ ଚାମ୍ପିଅନ ହୋଇଛି। ଅନ୍ତର୍ଜାତୀୟ ରେଫରୀ କଳାକର ସାମଲ ଓ ରାଜ୍ୟସ୍ତରୀୟ ରେଫରୀ ଅନିଲ ଷଣ୍ଢ, ଅମୂଲ୍ୟ କୁମାର ପରିଡା, ସୁବ୍ରତ



ଲେଙ୍କା ସତ୍ୟବାନ ପାତ୍ର ଖେଳ ପରିଚାଳନା କରିଥିଲେ। ଖିରଦ ଗିରି ଧାରାବିବରଣୀ ପ୍ରଦାନ କରିଥିଲେ। ସଚିନ ସାହୁ, ପ୍ରଦୋଷ ପାତ୍ର ସ୍କୋରର ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବଚରଣ ବାଘ, ସମ୍ମାନିତ ଅତିଥି ବିଜେପିର ବରିଷ୍ଠ ନେତା ଦିଲ୍ଲୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ସଭାପତି ବିଜନ କୁମାର ସାହୁ ଓ ସମ୍ପାଦକ ଦେବାଶିଷ ସାହୁ ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଗୋବର୍ଦ୍ଧନ ଭଲିବଲ କ୍ଲବ ସଭାପତି ବିଜନ କୁମାର ସାହୁ, ସମ୍ପାଦକ ଦେବାଶିଷ ସାହୁ, କୋଷାଧ୍ୟକ୍ଷ ତ୍ରୈଲୋଚନ ସାହୁ, ସଦସ୍ୟ ମନୋଜ କୁମାର ସାହୁ, ହେମନ୍ତ କୁମାର ସାହୁ, ମାନସ ରଞ୍ଜନ ସାହୁ, ସୁମନ୍ତ ସାହୁ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ମଣ୍ଡିରେ ଅବ୍ୟବସ୍ଥା; ଧାନକିଣାରେ ବ୍ୟାପକ ବିଭ୍ରାଟ

ବାଲେଶ୍ୱର,୧୮ ।୩ (ସମିସ)



ଜିଲ୍ଲାରେ ଧାନ ମଣ୍ଡି ଖୋଲି ସେଠାରୁ ଧାନ କିଣା ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏପରିକି କେଉଁ ଠାରେ ଟୋକନର ଅବଧି ଶେଷ ହୋଇଯାଉଥିବା ବେଳେ ଆଉ କେଉଁଠି ଧାନ ସଠିକ ଭାବେ ନ କିଣାଯିବା ଆଦି ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଜି ଭିନ୍ନ ଭିନ୍ନ ଦୁଇଟି ସୋସାଇଟି ଅର୍ଥାତ ସୋର ବ୍ଲକ ଗୋପୀନାଥପୁର ସେବା ସମବାୟ ସମିତି ଏବଂ ବାହାନଗା ବ୍ଲକ ଆଳଦା ସେବା ସମବାୟ ସମିତିର ଚାଷୀମାନେ ଆଜି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି।

ସୋର ବ୍ଲକ ଅଧିନରେ ରହିଛି ଗୋପୀନାଥପୁର ସେବାସମବାୟସମିତି। ଏହି ସମିତିକୁ ୪୭ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିବା ବେଳେ ଏଥିରେ ୧୬୪୮ ଜଣ ଚାଷୀ ପଞ୍ଜିକୃତ କରିଥିଲେ। ଏବେ ସୁଦ୍ଧା ଉକ୍ତ ମଣ୍ଡିରୁ ୧୦୪୫ଜଣ ଚାଷୀଙ୍କ ଠାରୁ ୩୩ହଜାର ୫୮୦ କ୍ୱିଣ୍ଟାଲ ଧାନ କିଣା ହୋଇଥିବା ବେଳେ ୬୦୩ଜଣ ଚାଷୀ ଏ ପର୍ଯ୍ୟନ୍ତ ସେମାନଙ୍କର ଧାନ ଦେଇପାରି ନାହାନ୍ତି। ଏପରିକି ଏହି ମଣ୍ଡିରେ ଚଳିତ ମାସ ୩୧ତାରିଖରେ ଟୋକନର ଅବଧି ଶେଷ ହେବ। ଏପରିକି ସେଠାକାର ଚାଷୀମାନେ ସମ୍ବାଦକଙ୍କୁ ଜଣାଇଥିଲେ ସୁଦ୍ଧା ଧାନର ଟାର୍ଗେଟ ନଥିବା ବେଳେ ମିଲରମାନେ ଧାନ କିଣିବାକୁ ଆସୁ ନାହାନ୍ତି ବୋଲି କୁହାଯାଉଛି। ଏହାଛଡା ଚଳିତମାସ ୭ତାରିଖ ଠାରୁ ଆଜିକୁ ୧୧ଦିନ ହେବ ସୋସାଇଟିରୁ ଧାନ କିଣାଯାଉନାହିଁ। ଫଳରେ ଚାଷୀମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ବୋଲି ଅଭିଯୋଗ କରି ଆଜି ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡାଙ୍କୁ ସାକ୍ଷାତ କରିବା ସହ ସେମାନଙ୍କର ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଧାନ କିଣା ୪ଦିନ ମଧ୍ୟରେ କିଛି ସମାଧାନ ନହୁଏ ତେବେ ରାଜରାସ୍ତାରେ ବସିବେ ବୋଲି ଚାଷୀ ଗଜେନ୍ଦ୍ର ବିହାରୀ ପୃଷ୍ଟି,ଶମ୍ଭୁନାଥ ନାୟକ, ଗୋପବନ୍ଧୁ ନାୟକ,

## ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କଲେ ଦୁଇଟି ସୋସାଇଟିର ଚାଷୀ

ବନମାଳି ବାରିକ, ସୁରେନ୍ଦ୍ର ନାଏକ ପ୍ରମୁଖଙ୍କ ବହୁ ଚାଷୀ ଆଜି ଅଭିଯୋଗ କରିଛନ୍ତି। ସେହିପରି ବାହାନଗା ବ୍ଲକ ଖରାସାପୁର ପଂଚାୟତ ଅର୍ନ୍ତଗତ ଆଳଦା ସେବା ସମବାୟ ସମିତିରେ ମଧ୍ୟ ସମାନ ଅବସ୍ଥା। ଏହି ସମିତିକୁ ୨୦ହଜାର ୨୯୫କୁଇନଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିବା ବେଳେ ୮୦୩ଜଣ ପଞ୍ଜିକୃତ ଚାଷୀ ରହିଛନ୍ତି। ତେବେ ବର୍ତମାନ ସୁଦ୍ଧା ୩୯୮ଜଣ ଚାଷୀଙ୍କ ଠାରୁ ୧୦ ହଜାର୨୪୨ କ୍ୱିଣ୍ଟାଲ ଧାନ କିଣାଯାଇଛି। ଅନ୍ୟପଟେ ଆହୁରି ୪୦୫ ଜଣ ଚାଷୀଙ୍କ ଠାରୁ ୧୦ହଜାର ୫୩ କ୍ୱିଣ୍ଟାଲ ଧାନ କିଣାହେବ। ହେଲେ ମିଲରମାନେ ଆସୁନଥିବା କାରଣରୁ ଧାନ କିଣାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାଛଡା ଟୋକନ ଅବଧି ସରିଯାଉଥିବା ବେଳେ ଟୋକନଧାରୀ ଚାଷୀମାନଙ୍କ ଧାନ କିରାଯାଇ ପାରୁ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏଣୁ ସମିତିର ସଭାପତି ପ୍ରଦାପ ମହାପାତ୍ର, ସମ୍ପାଦକ କମଳାକାନ୍ତ ଦାସ, ସୋସାଇଟି ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ଜେନା, ଗୋବିନ୍ଦ ତ୍ରିପାଠୀ, ଭାଗିରଥି ପଲା.ଅକ୍ଷୟ କୁମାର ସ୍ୱାଇଁ, ମନ୍ମଥ ପଲେଇ ପ୍ରମୁଖଙ୍କ ସହ ପାଖାପାଖି ୫୦ଜଣ ଚାଷୀ ଆଜି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ଦାବି ଉପସ୍ଥାପନ କରାଯାଉଛି। ଯଦି ଏହି ସମସ୍ୟା ଶିଘ୍ର ପୂରଣ ନହୁଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପଣ୍ଡା ତୁରନ୍ତ ସେମାନଙ୍କର ସମସ୍ୟାକୁ ସମାଧାନ କରାଯିବ ବୋଲି କହିଛନ୍ତି।

## ରେମୁଣା ପୂଜ୍ୟପୂଜା ସଂସଦର ବସନ୍ତ ଉତ୍ସବ



ବାଲେଶ୍ୱର,୧୮ ।୩(ସମିସ): ରେମୁଣା ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ବସନ୍ତ ଉତ୍ସବ ସ୍ଥାନୀୟ ଏକ ମଣ୍ଡପ ପରିସରରେ ସଭାପତି ଡ. ନରୋତ୍ତମ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସାରସ୍ୱତ ସାଧକ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପାଲା ଗାୟକ ଦୀନବନ୍ଧୁ ଦାସ ଯୋଗଦେଇ ଥିଲେ। ପ୍ରାରମ୍ଭରେ ଆରତ୍ରିକା ଦାସ ଓ ଧ୍ରିତ୍ୟା ପଟ୍ଟନାୟକ ନୃତ୍ୟ ପରିବେଷଣ କରିଥିଲେ। କବି ପ୍ରଦୀପ କୁମାର ମିଶ୍ର ମଂଚ ଆହ୍ୱାନ କରିଥିବା ବେଳେ ଯୋଗେଶଚନ୍ଦ୍ର ବେହେରା ବଂଶୀବାଦନ କରିଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେସନରେ କବିତା ପାଠୋତ୍ସବ ଚକ୍ରଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରଭାକର ସାହୁ, ରମେଶଚନ୍ଦ୍ର ମହାରଣା, ବାସନ୍ତି ଦାସ, ମୁକ୍ତିଲତା ଆଇଚ ଓ କୃଷ୍ଣମୋହନ ମହାରଣା ପ୍ରମୁଖ ସଂଯୋଜନା କରିଥିଲେ।

### ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତଃ

## ବସ୍ତା ଷ୍ଟେସନରେ ଅଟକିଲା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍





ବସ୍ତା ବ୍ଲକ, ୧୮।୩ (ସମିସ): କରୋନା ସ୍ୱାଭାବିକ ଅବସ୍ଥାକୁ ଫେରିଥିବା ବେଳେ ବସ୍ତା ଷ୍ଟେସନରେ ଦୀର୍ଘ ବର୍ଷ ଧରି ଅପ ଓ ଡାଉନ୍‌ରେ ରହଣି କରୁଥିବା ଇଷ୍ଟ କୋଷ୍ଟ ଏକ୍ସପ୍ରେସ କୁ ରେଳବାଇ ବାତିଲ କରିଥିଲା। ବସ୍ତାରେ ପୁନଃ ରହଣି ଦାବି ଜୋର ଧରିଥିଲା। ବାରମ୍ବାର ଦାବି ସ୍ୱତେ ଏହି ଏକ୍ସପ୍ରେସର ରହଣି ହେଉ ନଥିବାରୁ ସାଂସଦ ପ୍ରତାପ ଷଡ଼ଙ୍ଗୀ ୧୯ ମାର୍ଚ୍ଚ ୨୦୨୫ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି କରିଥିଲେ। ଖୁବ୍‌ଶୀଘ୍ର ଇଷ୍ଟ କୋଷ୍ଟ ଏକ୍ସପ୍ରେସ ରହଣି ହେବ ବୋଲି ବସ୍ତା ବିଜେପି ପକ୍ଷରୁ ସୂଚନା ଦିଆ ଯାଇଥିଲା। ଏକ୍ସପ୍ରେସ ଟ୍ରେନ ରହଣି ଦାବି ନେଇ ବସ୍ତା ଜେ ଏମ ଏମ ପକ୍ଷରୁ ଏକାଧିକ ବାର ଷ୍ଟେସନ ସମ୍ମୁଖ ରେ ବିକ୍ଷୋଭ କରାଯାଇଥିଲା। ଏହି ଏକ୍ସପ୍ରେସ ଟ୍ରେନ ରହଣି ବସ୍ତା ବିଜେପି ପାଇଁ ସମ୍ମାନର ପ୍ରଶ୍ନ ଭାବେ ଉଭା ହୋଇଥିଲା। ଶେଷରେ ଦକ୍ଷିଣ ପୂର୍ବ ରେଳବାଇ ର ସରକାରୀ ଚିଠିରେ ବୁଧବାର ସକାଳେ ଇଷ୍ଟ କୋଷ୍ଟ ଏକ୍ସପ୍ରେସ ରହିବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରେଳବାଇ ଚିଠି ଅନୁସାରେ ବୁଧବାର ଶାଳିମାର ଅଭିମୁଖେ ଯାଉଥିବା ଡାଉନ୍ ଇଷ୍ଟ କୋଷ୍ଟ ଏକ୍ସପ୍ରେସ ୧ ନମ୍ବର ପ୍ଲାଟଫର୍ମରେ ଅଟକିବା ପରେ ବସ୍ତା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ରବୀନ୍ଦ୍ର କୁମାର ଜୈନଙ୍କ ସମେତ ବହୁ କର୍ମୀ ଟ୍ରେନ ରହଣିକୁ ସ୍ୱାଗତ କରିଥିଲେ। ବସ୍ତା ଜେ ଏମ ଏମ ପକ୍ଷରୁ କମଳ ଲୋଚନ ବାରିକ, ମିର ଯାହିରୁଦ୍ଦିନ କାଦ୍ରି, ସୁଶାନ୍ତ ପାତ୍ରଙ୍କ କିଛି କର୍ମୀ ଉପସ୍ଥିତ ରହି ସେମାନେ ମଧ୍ୟ ଜେ ଏମ ଏମ ଦଳ ପକ୍ଷରୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ। ଦୀର୍ଘ ଦିନର ଦାବି କରି ଏହି ସଫଳତା ପୂର୍ବକ ଶେଷରେ ଟ୍ରେନ ରହଣି ହୋଇ ଥିବାରୁ ଏହା ଜେଏମଏମର ଏକ ସଫଳତା ବୋଲି ଦଳର ସଭାପତି ଶ୍ରୀ ବାରିକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ବେଳେ ବସ୍ତା ଷ୍ଟେସନ ମ୍ୟାନେଜର ଓ ରେଳବାଇ ପୁଲିସ ଉପସ୍ଥିତ ଥିଲେ।

## ଭୋଗରାଇ ଲକ ନିକଟ ସୁବର୍ଣ୍ଣରେଖାରୁ ବେଧଡ଼କ ବାଲି ଉତ୍ତୋଳନ

ବାଲେଶ୍ୱର (ଉତ୍ତର),୧୮।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଲକ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ନଦୀ ଗର୍ଭରୁ ମାଫିଆ ମାନେ ବାଲି ଉତ୍ତୋଳନ କରି ଡଙ୍ଗା ସାହାଯ୍ୟରେ କୂଳକୁ ଆଣୁଛନ୍ତି। ସେଠାରୁ ପ୍ରତିଦିନ ଟ୍ରାକ୍ଟର ଓ ଟ୍ରକ ଯୋଗେ ବାଲି ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ଏପରିକି ବିଳମ୍ବିତ ରାତିରେ ଭୋଗରାଇ ହାଟ-ଗଣେଶ୍ୱରପୁର ପୂର୍ତ୍ତ ବିଭାଗ ରାସ୍ତା ଦେଇ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ବେଳେ ଏହି ରାସ୍ତା ପାର୍ଶ୍ୱରେ ଥିବା ଥାନା ଓ ତହସିଲଦାରଙ୍କ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ଏଭଳି ଚୋରା ଚାଲାଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। ନାମକୁ ମାତ୍ର ଲୋକ ଦେଖାଣିଆ ୧/୨ଟି ଟ୍ରାକ୍ଟର ଧରି ମଧ୍ୟସ୍ଥ ମାନଙ୍କ ଜରିଆରେ ବାଲି ମାଫିଆଙ୍କ ଠାରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମାସିକିଆ ଚାନ୍ଦା ନେଇ ଆଖି ବୁଜାଇ ଦେଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ଚିରସ୍ରୋତା ସୁବର୍ଣ୍ଣରେଖା ନଦୀ ପ୍ରତିବର୍ଷ ବନ୍ୟା ଆସିଲେ ତାର ଗତିପଥ ପରିବର୍ତ୍ତନ କରିଥାଏ। ଯାହା ଫଳରେ ନଦୀକୂଳିଆ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗିଥାନ୍ତି। ସେହିପରି ଏଠାରେ ନଦୀ ମୁହାଣ ନିକଟବର୍ତ୍ତୀ ହୋଇଥିବାରୁ ପ୍ରତିଦିନ ସମୁଦ୍ରର ଜୁଆର ପାଣି ନଦୀର ଦହମୁଣ୍ଡା ପର୍ଯ୍ୟନ୍ତ ପ୍ରବେଶ କରିଥାଏ। ତେଣୁ ବାରମ୍ବାର ନଦୀ ଗର୍ଭରୁ ବାଲି ଉତ୍ତୋଳନ କରିବା ଦ୍ୱାରା ନଦୀ ପ୍ରାକୃତିକ ସନ୍ତୁଳନ ହରାଉ ଥିବାରୁ ବିଭିନ୍ନ ସମୟରେ ବିପର୍ଯ୍ୟୟ ସୃଷ୍ଟି କରିଥାଏ ଏବଂ ଏହାର ପ୍ରଭାବ ସ୍ଥାନୀୟ ଜନବସତି ଉପରେ ପଡ଼ିବାର ସମ୍ଭାବନା ରହିଥାଏ। ଅନ୍ୟପକ୍ଷରେ ଏହି ବେଆଇନ କାରବାରରୁ ସରକାର ରାଜସ୍ୱ ହରାଉଛନ୍ତି। ରାଜ୍ୟ ସରକାରଙ୍କ ନିୟମ ମୁତାବକ ବିଭିନ୍ନ ନଦୀର ବାଲି ଉତ୍ସକୁ ନିଲାମ କରାଯାଇ ରାଜସ୍ୱ ସଂଗ୍ରହ ହୋଇଥାଏ। ଏହା ପ୍ରଥମେ ରାଜସ୍ୱ ବିଭାଗ ଅଧୀନରେ ଥିବା ବେଳେ ବର୍ତ୍ତମାନ ବାଲିକୁ ଲଘୁ ଖଣିଜ ସମ୍ପଦ ମାନ୍ୟତା ମିଳିଥିବାରୁ ତାହା ଖଣି ବିଭାଗ ଅଧୀନରେ ରହିଛି। ମାତ୍ର ସୁବର୍ଣ୍ଣରେଖା ନଦୀର ଭୋଗରାଇ ଲକ ଠାରୁ ଦହମୁଣ୍ଡା ପର୍ଯ୍ୟନ୍ତ କୌଣସି ବାଲି ଉତ୍ସ ନ ଥିବାରୁ ଏଠାରେ କେବେ ସରକାରଙ୍କ ପକ୍ଷରୁ ନିଲାମ ହୋଇ ନ ଥାଏ। ଏହାର ସୁଯୋଗ ନେଇ ବାଲି ମାଫିଆ ମାନେ ବେଧଡ଼କ ଭାବେ ନଦୀ ଗର୍ଭରୁ ବାଲି ଉଠାଇ ଚୋରା ଚାଲାଣ କରିବାକୁ ସୁଯୋଗ ପାଉଛନ୍ତି। ପୂର୍ବରୁ ସ୍ଥାନୀୟ ତହସିଲଦାର ଏହି ବେଆଇନ ବାଲି କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା ବେଳେ ଯେଉଁ ଦିନ ଠାରୁ ଏହା ଖଣି ବିଭାଗକୁ ହସ୍ତାନ୍ତର ହେଲା ସେହିଦିନଠାରୁ ଏହି ମାଫିଆ ମାନଙ୍କ ଉପରେ ଆଉ କୌଣସି ଲଗାମ ନାହିଁ, ତେଣୁ ସେମାନେ ଖୁଲମ ଖୋଲା ବାଲିକୁ ପଶ୍ଚିମବଙ୍ଗକୁ ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତେଣୁ ସରକାରଙ୍କ ରାଜସ୍ୱ ହାନି ହେବା ସହ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡୁଥିବାରୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏହା ଉପରେ ଅଙ୍କୁଶ ଲଗାଇବା ସହ ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହୋଇଛି।

## ଜଣେ ଶିକ୍ଷକରେ ଚାଲିଛି ବାଗୁଡ଼ି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ

ସୋର,୧୮।୩ (ସମିସ): ସୋର ବ୍ଲକ ବାଗୁଡ଼ି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ୨୦୦ ଛାତ୍ରଛାତ୍ରୀଙ୍କୁ ମାତ୍ର ଜଣେ ଟିଚର ଏଜୁକେଟର ପାଠ ପଢ଼ାଉଥିବା ବେଳେ ବିନା ପ୍ରିନ୍ସପାଲ ଏବଂ ବିନା ସୁପରିଣ୍ଟେଣ୍ଡେଣ୍ଟରେ ଚାଲିଛି ହଷ୍ଟେଲ। ୧୯୬୪ ମସିହାରୁ ଇଟି, ସିଟି, ମାଧ୍ୟମିକ ଶିକ୍ଷା ପ୍ରଶିକ୍ଷଣ ଏବଂ ସଂପ୍ରତି ସରାକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଭାବେ ଏହି ବିଦ୍ୟାଳୟଟି ଜିଲାର ଯଥେଷ୍ଟ ସୁନାମ ବଜାଇ ଆସିଛି। ୨ ବର୍ଷିଆ ପାଠ୍ୟକ୍ରମରେ ପ୍ରତିବର୍ଷ ସରକାରୀ ଭାବେ ୧୦୦ଜଣ ଛାତ୍ରଛାତ୍ରୀ ଏଠାରେ ନାମ ଲେଖାଇଥାନ୍ତି। ଝିଅପିଲାଙ୍କୁ ଛାଡ଼ିଦେଲେ ଏଠାରେ ୫୦ ଜଣ ଗରିବ ମେଧାବୀ ଛାତ୍ରଙ୍କ ପାଇଁ ଗୋଟିଏ ହଷ୍ଟେଲ ରହିଛି। ଜଣେ ପ୍ରିନ୍ସପାଲ, ଏଜୁକେସନରେ ୩ ଜଣ, ମେଥୋଡଲୋଜିରେ ୨ ଜଣ, ଚିତ୍ରକଳା ପ୍ରଶିକ୍ଷକ-୧, କ୍ରୀଡ଼ା ପ୍ରଶିକ୍ଷକ-୧, ଗ୍ରନ୍ଥାଗାରିକ-୧, ବରିଷ୍ଠ ସହାୟକ -୧, ଭଣ୍ଡାର ରକ୍ଷକ-୧, ପଅନ-୪, ଜଗୁଆଳ-୧ ଏବଂ ଝାଡୁଦାର-୧ ପଦବୀ ଥିବା ବେଳେ ଗତ ଏକ ବର୍ଷ ଧରି ପ୍ରିନ୍ସପାଲ କେହି ନଥିବା ବେଳେ ରେମୁଣା ଜିଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ପ୍ରିନ୍ସପାଲ ଦାୟିତ୍ୱରେ ଅଛନ୍ତି। ମାତ୍ର ଜଣେ ଶିକ୍ଷା ପ୍ରଶିକ୍ଷକ ଏଠାରେ ୨ଟି ଯାକ ଶ୍ରେଣୀର ପାଠ ପଢ଼ାଉଛନ୍ତି। ହଷ୍ଟେଲ ୪୮ ଜଣ ଛାତ୍ର ଅନ୍ତେବାସୀ ଥିବା ବେଳେ କେହି ସୁପରିଣ୍ଟେଣ୍ଡେଣ୍ଟ ନାହାଁନ୍ତି। ଜଣେ ଅଫିସ ସହାୟକ, ୨ ଜଣ ପିଅନ ଏବଂ ଜଣେ ଜଗୁଆଳରେ ଚାଲିଛି ଏହି ପ୍ରତିଷ୍ଠାନ। ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସରକାରୀ ଭାବେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ କୁନିକୁନି ପିଲାମାନଙ୍କର ଭାଗ୍ୟ ଗଠନ ପାଇଁ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଥିବା ପ୍ରତିଷ୍ଠାନର ବର୍ଷବର୍ଷ ଧରି ପ୍ରଶିକ୍ଷକଙ୍କ ଅଭାବରେ କି ପ୍ରକାର ପ୍ରଶିକ୍ଷିତ ହେବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ତରଫରୁ ତୁରନ୍ତ ପ୍ରିନ୍ସପାଲ, ସମସ୍ତ ପ୍ରଶିକ୍ଷକ, କଳା ଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଦେବା ପାଇଁ ଛାତ୍ରଛାତ୍ରୀ ଦାବି କରିଛନ୍ତି।

## ଅଜଣା ମୃତଦେହ ଉଦ୍ଧାର

ବାଲେଶ୍ୱର,୧୮ ।୩(ସମିସ): ଚାନ୍ଦିପୁର ଥାନା ଅର୍ନ୍ତଗତ ଶ୍ରୀକୋଣା ପଞ୍ଚାୟତ ସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳ ନିକଟରୁ ଏକ ଅଜଣା ମୃତଦେହ ଉଦ୍ଧାର କରାଯାଇଛି। ହେଲେ ବର୍ତମାନ ସୁଦ୍ଧା ତାଙ୍କର କିଛି ପରିଚୟ ମିଳିପାରି ନାହିଁ। ଶ୍ରୀକୋଣା ପଂଚାୟତରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ନିକଟରେ ଆଜି ସକାଳେ ଏକ ଅଜଣା ମୃତଦେହ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ମୃତଦେହକୁ ଜବତ କରିବା ସହ ଶବ ବ୍ୟବଛେଦ ପାଇଁ ମେଡିକାଲକୁ ପଠାଇଛି। ମୃତଦେହର ଚିହ୍ନଟ ହୋଇପାରିନଥିବାରୁ ୪ଦିନ ପାଇଁ ଶବ ଗୃହରେ ରଖାଯିବ।

## ଏସ୍‌ଡିପିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



ନୀଳଗିରି, ୧୮।୩ (ସମିସ): ନ୍ୟାୟ ଦାବିରେ ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି, ନୀଳଗିରି ଥାନା ସମ୍ମୁଖରେ ଆଜି ଧାରଣାରେ ବସିଥିଲେ। ଏସ ଡି ପି ଓ ଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତି ପରେ ଶ୍ରୀ ମହାନ୍ତି ଧାରଣାରୁ ଓହରି ଥିବା ଦେଖା ଯାଇଛି। କିଛି ଦିନ ପୂର୍ବରୁ କହାଳିଆ ଗାଁରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲିଥିବା ସମୟରେ ଶ୍ରୀ ମହାନ୍ତି ଫଟୋ ଉତ୍ତୋଳନ କରୁଥିଲେ। ସେହି ସମୟରେ ୩ ଜଣ ଯୁବକ ତାଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ନେଇ ଯିବା ସହିତ ଆକ୍ରମଣ କରିବାରୁ ସେ ଘଟଣା ସ୍ଥଳ ରେ ତଳେ ଅଚେତ ହୋଇ ପଡ଼ି ଯାଇଥିଲେ। ଖବର ପାଇ ପୁଲିସ ଗାଡି ତାଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା। ସେଠାରୁ ସେ ସୁସ୍ଥ ହୋଇ ଫେରିବା ପରେ ନୀଳଗିରି ଥାନାରେ ଏକ ଲିଖିତ ଏତଲା ଦେଇ ଥିଲେ। ଉକ୍ତ ଘଟଣା କୁ ୧୫ ଦିନରୁ ଅଧିକ ହୋଇ ଥିଲେ ମଧ୍ୟ ଶ୍ରୀ ମହାନ୍ତି ତାଙ୍କ ମୋବାଇଲ ଫେରି ପାଇ ନାହାଁନ୍ତି କିମ୍ବା ଅଭିଯୁକ୍ତଙ୍କ ଉପରେ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ନିଆ ଯାଇ ନ ଥିବା ପ୍ରତିବାଦରେ ପୂର୍ବ ସୂଚନା ମତେ ପ୍ରଫୁଲ୍ଲ ମହାନ୍ତି ଧାରଣାରେ ବସିଥିଲେ। ତାଙ୍କ ସହିତ ସାମ୍ବାଦିକ ରାମଚନ୍ଦ୍ର ମହଲ, ଧୀରେନ୍ଦ୍ର ନାୟକ, ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ସଭାପତି ଲୋକନାଥ ଦଳେଇ, ବ୍ରଜକିଶୋର ପାଣି, ଜଗନ୍ନାଥ ଦାସ, ଜଗନ୍ନାଥ ପାତ୍ର, ସତ୍ୟରଞ୍ଜନ ମଲ୍ଲିକ, ଅତୁଲ ସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୁରେନ୍ଦ୍ର ନାଥ ସ, କିଷାନ କଂଗ୍ରେସର ରାଜ୍ୟ ଉପ ସଭାପତି ଯଶୋଦା ନନ୍ଦନ ସିଂହ ଉପସ୍ଥିତ ଥିଲେ। ଶେଷ ରେ ଏସ ଡି ପି ଓ ପ୍ରମୋଦ କୁମାର ମଲ୍ଲିକ ନ୍ୟାୟ ନିଶ୍ଚିତ ମିଳିବାର ପ୍ରତିଶ୍ରୁତି ପାଇବା ପରେ ଶ୍ରୀ ମହାନ୍ତି ଧାରଣାରୁ ଓହରି ଯାଇଥିବା ଜଣା ଯାଇଛି।

## ‘ହେପି ସ୍କୁଲ’ ମାନ୍ୟତା ପାଇଁ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୧୮।୩ (ସମିସ): ଇନର୍ ହୁଇଲ କ୍ଲବ୍ ଅଫ ସୁବର୍ଣ୍ଣରେଖା ରାଇବଣିଆ ପକ୍ଷରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରକୁ “ହେପି ସ୍କୁଲ’ ମାନ୍ୟତା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କ୍ଲବର ସଭାପତି ଆରତୀ ଦାସଙ୍କ ପୌରିହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସମ୍ପାଦକ ଗୋପାଳ ଚନ୍ଦ୍ର ଦତ୍ତ, ପ୍ରଧାନ ଶିକ୍ଷକ ଦେବ ପ୍ରସାଦ ଜେନା, ରୋଟରିଆନ ସୁକୁମାର ରଣା, କ୍ଲବର ସଭ୍ୟା ସ୍ନେହଲତା ପଣ୍ଡା ଓ ସତ୍ୟଭାମା ରଣା, ଅବସରପ୍ରାପ୍ତ ସାମରିକ କର୍ମଚାରୀ ରାଜୀବ ଲୋଚନ ପଣ୍ଡା, ତାରିଣୀ ଆର.ସି.ସି ମୁଖ୍ୟ ସତ୍ୟ ରଞ୍ଜନ ରଣା, ସତ୍ୟଭାମା ଆର.ସି.ସି ମୁଖ୍ୟ କେଦାର ନାଥ ପରିଡ଼ା ପ୍ରମୁଖ ଯୋଗଦେଇ ‘ହେପି ସ୍କୁଲ’ ମାନ୍ୟତା ପାଇଁ ରହିଥିବା ୯ ଟି ଦିଗ ଉପରେ ବିସ୍ତୃତ ରୂପେ ଆଲୋଚନା କରିଥିଲେ। ଶିକ୍ଷକ ବ୍ରଜ କିଶୋର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବାସିନୀ ଜେନାଙ୍କ କୁଶପୁତ୍ତଳିକା ଦାହ

ସିମୁଳିଆ, ୧୮।୩ (ସମିସ): ଚଳିତ ରାଜ୍ୟସଭା ନିର୍ବାଚନରେ ବାଲେଶ୍ୱର ଜିଲ୍ଲା ବସ୍ତା ବିଧାୟିକା ସୁବାସିନୀ ଜେନା ଦଳ ବିରୋଧୀ କାମ କରି କ୍ରସଭୋଟିଂ ଦେଇଥିବାରୁ ଆଜି ସିମୁଳିଆ ନିର୍ବାଚନ ମଣ୍ଡଳୀ ମାର୍କୋଣା ବଜାରରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀମାନେ ଏକତ୍ରିତ ହୋଇ ସୁବାସିନୀ ଜେନାଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ଏହାକୁ ଦୃଢ଼ ନିନ୍ଦା କରିଥିଲେ । ଏହା ଉପରେ ଦଳର ସଭାପତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଏହି ବିଧାୟିକାଙ୍କୁ ଜନତା କେବେ କ୍ଷମା ଦେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଏଥିରେ ସିମୁଳିଆ ବ୍ଲକର ବିଜେଡି ସଭାପତି ଉମାକାନ୍ତ ମହାନ୍ତି ସମେତ ଜିଲ୍ଲା ପରିଷଦ ଉମାକାନ୍ତ ମହାରଣା ଓ ୨୨ଟି ପଞ୍ଚାୟତ ର ସରପଞ୍ଚ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।



## ଗୋଚର ଜମିରେ ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ରାଜଘାଟ, ୧୮।୩ (ସମିସ): ବସ୍ତା ଥାନା କୁଳିଦା ଗ୍ରାମ ପଞ୍ଚାୟତ ଜୁଣବଳଦା ଗ୍ରାମର ଅନାଦି ଦାସ ଆଜକୁ ଏକ ବର୍ଷ ଅର୍ଥାତ (ମାର୍ଚ୍ଚ ଚାରି ୨୦୨୫) ଦିନ ଭେଲୋରା ଗ୍ରାମର ତାରିଣୀ ଛକ ନିକଟରେ ଏକ ଗୋଚର ଜାଗାକୁ ଜବର ଦଖଲ କରିବା ସହ ଦୁଇଟି ମୂଲ୍ୟବାନ ଗଛ କାଟି ଦେଇଥିଲେ ଏବଂ ଉକ୍ତ ସ୍ଥାନକୁ ଜବର ଦଖଲ କରି ସେଠାରେ ଏକ କ୍ୟାବିନ ପକାଇଥିଲେ ଗ୍ରାମବାସୀ ଏହାକୁ ବିରୋଧ କରି ଗୁଡିଖାଳ ରାଜସ୍ୱ ନିରୀକ୍ଷକ ଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜସ୍ୱ ନିରୀକ୍ଷକ ଘଟଣାର ତଦନ୍ତ କରି ଅନାଦି ଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥଲେ। ଏଥିରେ ଉତକ୍ଷିପ୍ତ ହୋଇ ଅନାଦି ଏବଂ ତାଙ୍କର କିଛି ସହଯୋଗୀ ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅନାଦିର ଦୁଇ ସହଯୋଗୀ ହାଜତକୁ ମଧ୍ୟ ଯାଇଥିଲେ। ଘଟଣାକୁ ଏକ ବର୍ଷ ପରେ ଅର୍ଥାତ ଚଳିତ ମାସ ସାତ ତାରିଖରେ ପୁଣି ଉକ୍ତ ସ୍ଥାନରେ ଅନାଦି ଏବଂ ତାଙ୍କର କିଛି ସହଯୋଗୀ ଗୃହ ନିର୍ମାଣ କାର୍ଯ୍ୟ କରୁଥିଲେ, ଗ୍ରାମବାସୀ ମାନେ ପୋଲିସ ଏବଂ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣା ସମ୍ପର୍କ ରେ ଅବଗତ ପରେ ଉଭୟ ଅଧିକାରୀ ଆସି କାର୍ଯ୍ୟକୁ ବନ୍ଦ କରିଥିଲେ ମାତ୍ର ଅଧିକାରୀ ଯିବା ପରେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ, ଗ୍ରାମବାସୀ ବିରୋଧ କରିବାରୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଉକ୍ତ ଗୋଚର ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ ଆଜି ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ନାବାଳିକା ଅପହରଣ, ଧରାପଡ଼ିଲା ନାବାଳକ

ସୋର, ୧୮।୩ (ସମିସ): ସୋର ଥାନା ତଳନଗର ପଞ୍ଚାୟତ ଭରଡ଼ାଗଡିଆ ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଜଣେ ନାବାଳକକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଗତ ୨୦୨୫ ମସିହା ଡିସେମ୍ବର ୫ରେ ଏହି ଅଞ୍ଚଳର ଜଣେ ନାବାଳିକାକୁ ସବିରା ଅଞ୍ଚଳର ଜଣେ ନାବାଳକ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ ହୋଇଥିଲା। ଫଳରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଉଭୟ ବାଙ୍ଗାଲୋରରେ ଥିବା ଜାଣିବା ପରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ରଙ୍କ ନିର୍ଦ୍ଦେଶରେ ଏସଆଇ ସାଧୁସିଂ ଗାଗରାଇ ଏକ ଟିମ ସହ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରିଥିଲେ। ଆଜି ପୂର୍ବାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ନାବାଳକକୁ ବାଲେଶ୍ୱର ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ନାବାଳକକୁ ଅନୁଗୁଳ ସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି।

## ଘୋଷଣାରେ ଅଟକିଛି କୋର୍ଟ, ଫାଣ୍ଡି ପ୍ରତିଷ୍ଠା ଓ ବିଜ୍ଞାପିତ ଅଞ୍ଚଳ ମାନ୍ୟତା

ଖଇରା,୧୮ ।୩ (ସମିସ)

**ଖଇରା ବ୍ଲକ**

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ସ୍ଥାପନା ବା ନିର୍ମିତ ହେବାକୁ ଥିବା ପ୍ରକଳ୍ପ ଏବେ କେବଳ ଘୋଷଣାରେ ଅଟକିଛି। ସ୍ୱାଧୀନତାର ୭୬ବର୍ଷ ପରେ ବି ଖଇରା ନେତା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଛି। ବାସ୍ତବ ରୂପାୟନକୁ ନେଇ ଖଇରା ବାସୀ ସନ୍ଦିହାନ ହୋଇ ପଡିଥିବା ବେଳେ ଖଇରାବାସୀଙ୍କ ପାଇଁ ଏବେ ଚିନ୍ତା କରିବାର ସମୟ ଆସିଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲାରେ ଭୋଗରାଇ ପରେ ଖଇରା ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବେ ପରିଗଣିତ ହେଉଥିଲେ ହେଁ ପ୍ରକଳ୍ପ ସ୍ଥାପନା ଏବଂ ଉନ୍ନୟନ ମୂଳକ କାର୍ଯ୍ୟର ସଫଳ ରୂପାୟନକୁ ଦେଖିଲେ ଏହା ଏବେ ଏକ ପଛୁଆ ବ୍ଲକ ଭାବେ ପରିଗଣିତ ହୋଇଛି। ଖଇରାରେ କୋର୍ଟ,ଫାଣ୍ଡି ପ୍ରତିଷ୍ଠା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା କେବଳ ଘୋଷଣା ଏବଂ ପ୍ରତିଶୃତିରେ ଅଟକି ରହିଥିବାରୁ ରାଜନୈତିକ ନେତୃବୃନ୍ଦ କେବଳ ଖଇରାବାସୀଙ୍କୁ କେବଳ ଭକୁଆ କରି ରଖାଯାଇଛି। ୨୦୨୪ ଅଗଷ୍ଟ ୭ତାରିଖରେ ଓଡିଶାର ୬୫ ସ୍ଥାନରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଖୋଲିବାକୁ ଚିଠି କରାଯାଇଥିଲା। ଏଥିରେ ଖଇରା ତଥା ପଡୋଶୀ ଔପଦା ବ୍ଲକର ନାମ ମଧ୍ୟ ରହିଥିଲା। ଔପଦାରେ କୋର୍ଟ ୬ମାସ ତଳୁ କାର୍ଯ୍ୟକ୍ଷମ ହୋଇ ସାରିଥିବା ବେଳେ ଖଇରା କୋର୍ଟ ଆରମ୍ଭ ଅନିଶ୍ଚିତତା ଦେଇ ଗତି କରୁଛି। ଅସ୍ଥାୟୀ ଭାବେ ଖଇରା ବ୍ଲକ ପରିସରରେ ଖୋଲିବାକୁ ନିଷ୍ପତ୍ତି ନିଆଯିବା ଏବଂ ଏଥିରେ ବିଭିନ୍ନ ସମୟରେ ଜିଲା ବିଚାରପତି ପରିଦର୍ଶନରେ ଆସିଥିଲେ ହେଁ ଆଶାନୁରୁପ ଅଗ୍ରଗତି ହୋଇପାରିନାହିଁ। ସେହିଭଳି ୨୦୨୩ ମସିହାରେ ତୁଡିଗଡିଆରେ ଫାଣ୍ଡି ପ୍ରତିଷ୍ଠା ପ୍ରତିଷ୍ଠା ପାଇଁ ସରକାରଙ୍କ ଅନୁମୋଦନ ଲାଭ କରିବା ପରେ ଖଇରା ତହସିଲ ଓ ଥାନା ପକ୍ଷରୁ ସୀମା ନିର୍ଦ୍ଧାରଣ ସହ ସ୍କେଚମ୍ୟାପ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ନିକଟରେ ବାଲେଶ୍ୱର ଜିଲାର ଅନନ୍ତପୁରରେ ନୂଆ ଥାନା ଉଦ୍‌ଘାଟନ ହୋଇଯାଇଥିବାବେଳେ ତୁଡିଗଡିଆ ପାଇଁ କେହି ଆନ୍ତରିକତା ଦେଖାଇ ନାହାଁନ୍ତି। ସେହିଭଳି ବିଜେଡି ସରକାରରେ ଖଇରାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିଥିବା ବେଳେ ଭାଜପା ସରକାରର ନୂଆ ତାଲିକାରେ ଖଇରା ବାଦ ପଡିଲା ଏବଂ ଖଇରା ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି କିଛି ନେତୃବୃନ୍ଦ ଏହାକୁ ଅଟକାଇ ରଖିବା ନେଇ ଅଭିଯୋଗ ହୋଇଥିଲା। ଏହଛଡା ବ୍ଲକର ୯ଟି ପଡାଗ୍ରାମ କଦଳିଗଡିଆ, ଅଲିପୁର, ଆମ୍ବହତା, ବରଗିଡି, କୁରୁଣ୍ଟାଶାସନ, ରମଦା, ମାହାରାସାହି, ପାତ୍ରଖୁଣ୍ଟା ଓ ବଡମୁହାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଜିଲାପାଳ ଏବଂ ଖଇରା ତହସିଲକୁ ଆନୁସଙ୍ଗିକ କାର୍ଯ୍ୟ ସାରିବାକୁ ଚିଠି କରାଯାଇଥିଲେ ହେଁ ଏହା କେବଳ ଚିଠିରେ ସୀମିତ ରହିଛି। ଯଦି ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାର ଏଗୁଡିକ ପୂରଣ ଏବଂ ପୂର୍ଣ୍ଣାଙ୍ଗ ନ କରନ୍ତି ଏହା ଫଳ ଶାସକ ଦଳ ବିରୋଧରେ ଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

